**ବିଦ୍ୟାଳୟ ପାଇଁ ନେତୃତ୍ୱ ପ୍ରଦାନ: ଛାତ୍ରଛାତ୍ରୀମାନଙ୍କର ପୃଷ୍ଠଭୂମି ବୁଝିବା**

| ଓଡ଼ିଆ |
|---|
| ଆମ ସ୍କୁଲ ଗ୍ରାମାଞ୍ଚଳର ଗୋଟିଏ ଗାଁରେ ଅବସ୍ଥିତ। ଏହା ଏକ ଗ୍ରାମ ହୋଇଥିବାରୁ, ସ୍କୁଲକୁ ଆସୁଥିବା ଅଧିକାଂଶ ପିଲା ନିମ୍ନ ସାମାଜିକ ଓ ଆର୍ଥିକ ପୃଷ୍ଠଭୂମିର ହୋଇଥାନ୍ତି, ଏବଂ ଏହି ସରକାରୀ ବିଦ୍ୟାଳୟକୁ ଆସିବା ପାଇଁ ବାଛିଥାନ୍ତି।<br>ସ୍କୁଲର ଫିସ୍ ନାମମାତ୍ର ହୋଇଥିବାରୁ , ଅଧିକାଂଶ ନିମ୍ନ ଆର୍ଥିକ ବର୍ଗର ଛାତ୍ରଛାତ୍ରୀ ଏଠାକୁ ଆସିଥାନ୍ତି।<br>ଏହି କାରଣରୁ ଆମର ସମସ୍ତ ଯୋଜନାରେ ପିଲାମାନଙ୍କର ସ୍କୁଲ, ଏବଂ ଘରୋଇ ଜୀବନର ପୃଷ୍ଠଭୂମିକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହା ସହିତ ଆମକୁ ମଧ୍ୟ ତାଙ୍କର ପାରିବାରିକ ପୃଷ୍ଠଭୂମି, ସେମାନଙ୍କର ପଢ଼ିବା, ଲେଖିବା କ୍ଷମତା ଓ ବୋଧଶକ୍ତି ଦକ୍ଷତା ବୁଝିବାକୁ ପଡ଼ିଥାଏ।<br>ଆମେ ପିତାମାତାଙ୍କର ବୃତ୍ତି, ଘରର ପରିବେଶ, ଭାଇଭଉଣୀଙ୍କର ରେକର୍ଡ ରଖିଥାଉ। ଆମ ପାଖରେ ଏ ସମସ୍ତ ସୂଚନା ରହିଥାଏ।<br>ଆମ୍ଭେମାନେ ଏକ ସର୍ବେକ୍ଷଣ ଆୟୋଜନ କରିଥିଲୁ ଏବଂ ପିଲାମାନେ ଏକ ପ୍ରଶ୍ନାବଳୀ ସଂପୂର୍ଣ୍ଣ କରିଥିଲେ, ତେଣୁ ଶିଶୁ ଏବଂ ସେମାନଙ୍କର ନିର୍ଦ୍ଦିଷ୍ଟ ପୃଷ୍ଠଭୂମି ଅନୁଯାୟୀ ଆମେ କାର୍ଯ୍ୟକଳାପ ଯୋଜନା କରିପାରିବୁ। ଆମ୍ଭେମାନେ ମଧ୍ୟ ଆମର ଶିକ୍ଷକମାନଙ୍କ ପାଇଁ ଏକ ପରିଚୟ ବା ପ୍ରୋଫାଇଲ୍ ତିଆରି କରିଛୁ।<br>ମୁଁ ଯେତେବେଳେ ସ୍କୁଲରେ ଯୋଗ ଦେଲି ମୁଁ ଅନୁଭବ କଲି, ଯେ ଫସଲ ଅମଳ ସମୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଖୁବ୍ କମ୍ ରହୁଛି। ଅଧିକାଂଶ ପିତାମାତା କୃଷି କାର୍ଯ୍ୟରେ ଜଡିତ ରହୁଥିବାରୁ ସେମାନେ ଚାଷକାମରେ ସାହାଯ୍ୟ ପାଇଁ, ପିଲାମାନଙ୍କୁ ଘରେ ରଖି ଦିଅନ୍ତି।<br>୯ମ ଓ ୧୦ମ ଶ୍ରେଣୀର ପିଲାମାନେ ବଡ଼ ହୋଇଥିବାରୁ ସେମାନେ ବାପାମାଆଙ୍କୁ ସାହାଯ୍ୟ କରନ୍ତି।<br>ମୁଁ ଏ ବିଷୟରେ ପିଲାମାନଙ୍କ ସହିତ କଥାବାର୍ତ୍ତା କରିଥିଲି ଏବଂ ଯେଉଁମାନଙ୍କର ଉପସ୍ଥାନ କମ୍ ରହିଛି ସେ ବିଷୟରେ ଆମ ଶିକ୍ଷକମାନଙ୍କ ସହିତ ମଧ୍ୟ ଆଲୋଚନା କରିଛି।<br>ଯେତେବେଳେ ଗହମ ଓ ଧାନ ବୁଣିବା, ଧାନ କାଟିବା କାମ ଅଧିକ ରହିଥାଏ, ପିଲାମାନେ ଜମିରେ କାମ କରିଥାନ୍ତି।<br>ପ୍ରଥମେ, ଆମେ ପିଲାମାନଙ୍କୁ ପ୍ରାର୍ଥନା ସମୟରେ ଓ ଅଧିବେଶନରେ ବୁଝାଇଲୁ।<br>ମୁଁ ସେମାନଙ୍କୁ ହୃଦ୍‌ବୋଧ କରାଇଥିଲି ଯେ ସେମାନେ ଭାଗ୍ୟବାନ, ତାଙ୍କ ଗାଁରେ ଏମିତି ଏକ ସ୍କୁଲ ଅଛି। ନଚେତ୍ ସେମାନଙ୍କୁ ୮ମ ଶ୍ରେଣୀ ପରେ ବହୁତ ଦୂରକୁ ଯାଇ ପାଠ ପଢ଼ିବାକୁ ପଡ଼ନ୍ତା।<br>ମୁଁ କହି ନାହିଁ ଯେ ସେମାନେ ପଢ଼ିବା ପାଇଁ ସକ୍ଷମ ହୋଇନଥାନ୍ତେ। ମୁଁ କହିଛି ଯେ ବୋଧହୁଏ ସେମାନଙ୍କୁ ଦୂରକୁ ଯିବାକୁ ପଡ଼ିଥାନ୍ତା, ଏବଂ ସେ ଦୃଷ୍ଟିରୁ ସେମାନେ ଖୁବ୍ ଭାଗ୍ୟବାନ।<br>ସେମାନେ ସେମାନଙ୍କ ଅଭିଭାବକଙ୍କୁ କହିଲେ ଯେ ସେମାନଙ୍କ ସ୍କୁଲ ଭାରି ଭଲ, ଶିକ୍ଷକମାନେ ବହୁତ ଭଲ ପଢ଼ାନ୍ତି ଏବଂ ସେମାନେ ଏଠାରେ ପଢ଼ି ଭଲ ମଣିଷ ହେବେ।<br>ସେମାନେ ଶିକ୍ଷକ ହେବେ, ନା ଡାକ୍ତର ହେବେ ନା ଇଞ୍ଜିନିୟର ହେବେ, ମୁଁ ତାହା ଉପରେ ପ୍ରାଧାନ୍ୟ ଦେଇ ନ ଥିଲି। ମୁଁ ସେମାନଙ୍କୁ କହେ ଯେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଭଲ ମଣିଷଟିଏ ହେବା।<br>ମୁଁ ସେମାନଙ୍କୁ କହିଲି ଯେ ଯଦି ସେମାନେ ଅନୁପସ୍ଥିତ ରହୁଛନ୍ତି, ତେବେ ପ୍ରକୃତ କାରଣ କହିବେ ଏବଂ ମିଛ କହିବେ ନାହିଁ। ପ୍ରଥମେ ପ୍ରଥମେ ମୁଁ ତାହା ଉପରେ ବହୁତ ଧ୍ୟାନ ଦେଲି।<br>ମୁଁ କହୁଥିଲି 'ତୁମେମାନେ ଯେତେବେଳେ ସ୍କୁଲରେ ଅନୁପସ୍ଥିତ ରହୁଛ, ମୋତେ ସତ କଥା କୁହ ଯେ, ତୁମେ ଜମିରେ କାମ କରିବାକୁ ଯାଇଥିଲ କିମ୍ବା ବନ୍ଧୁ ଘରକୁ ଯାଇଥିଲ ,କିମ୍ବା ଘରକୁ କୁଣିଆ ଆସିଥିଲେ।<br>ତାହା ପରେ ଧୀରେ ଧୀରେ ପିଲାମାନେ ମୋତେ ସତ କହିଲେ। |

ଯେତେବେଳେ ମୋତେ ସତ କଥା କହିଲେ ମୁଁ ସେମାନଙ୍କ ପ୍ରତି ଅନୁକୂଳ ପ୍ରତିକ୍ରିୟା ପ୍ରକାଶ କଲି।

ବର୍ତ୍ତମାନ ଏହି ପ୍ରକାର ପରିସ୍ଥିତି ସୃଷ୍ଟି ହୋଇଛି। ଯଦି କୌଣସି ପିଲା ଅନୁପସ୍ଥିତ ରହିବା ପାଇଁ ଛୁଟି ମାଗନ୍ତି, ତାଙ୍କୁ ପ୍ରଥମେ ଆବେଦନପତ୍ର ଦାଖଲ କରିବାକୁ ହୁଏ, - "ଯେ ମୋର ଦୁଇ ବା ତିନି ଦିନ ପାଇଁ କିଛି କାମ ଅଛି।"

ପ୍ରଥମେ ସେମାନେ ମୋ ପାଖକୁ ଆସିବେ ଏବଂ ମୋତେ କାରଣ ଦର୍ଶାଇବେ। ଯଦି କାରଣ ଯଥାର୍ଥ ହୋଇଥାଏ, ମୁଁ ଶିକ୍ଷକଙ୍କୁ ଜଣାଏ ଏବଂ ସେମାନଙ୍କୁ ଅଟକାଏ ନାହିଁ।

ନଚେତ୍, ସେମାନେ ଆମକୁ ସୂଚନା ନ ଦେଇ ଅନୁପସ୍ଥିତ ରହିଯିବେ। ତେଣୁ ଗ୍ରାମାଞ୍ଚଳର ଉପସ୍ଥାନରେ ଉନ୍ନତି ଆଣିବା ପାଇଁ ଆମେ ପିଲାମାନଙ୍କୁ ନୈତିକ ମୂଲ୍ୟବୋଧ ଶିଖାଇବା ଆବଶ୍ୟକ।

ସବୁ ପିଲା ଭଲ। ଏ ସବୁ ଆମେ କିପରି ପରିଚାଳନା କରୁଛୁ ତାହା ଉପରେ ନିର୍ଭର କରିଥାଏ। ଆମେ ଯଦି ତାଙ୍କୁ ଗାଳି ଦେଉ ଏବଂ କହୁ,'ଯଦି ତୁମେ ସ୍କୁଲ ଆସ ନାହିଁ ଏବଂ ଅନୁପସ୍ଥିତ ରୁହ, ଆମେ ତୁମକୁ ବାହାର କରିଦେବୁ' ସେମାନଙ୍କର ପ୍ରତିକ୍ରିୟା ହେବ, 'ବାହାର କରିଦିଅନ୍ତୁ' 'ଆମକୁ ଯେମିତି ହେଲେ ଜମିରେ କାମ କରିବାକୁ ହେବ।'

କିନ୍ତୁ ନା, ସେମାନଙ୍କର ସମସ୍ୟା, ତାଙ୍କର ଆବଶ୍ୟକତା, ତାଙ୍କର ପୃଷ୍ଠଭୂମି ବୁଝି ଆମେ ଆମର ଶିକ୍ଷାଦାନ ଏବଂ ଶିକ୍ଷାଲାଭ ପ୍ରକ୍ରିୟା ଯୋଜନା କରିଥାଉ।

ଏଠାରେ ପହଂଚିବା ପରେ ମୁଁ ଏହି ଦିଗରେ କାର୍ଯ୍ୟ କରିବା ଆରମ୍ଭ କଲି, ଏବେ ବି ଏ ଦିଗରେ ଆମର କାର୍ଯ୍ୟ ଜାରି ରହିଛି।

ଉପସ୍ଥାନରେ ବହୁତ ଉନ୍ନତି ଦେଖାଦେଇଛି।